# ନୂଆବର୍ଷରୁ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ରାୟଗଡ଼ା,୨।୧(ଆଶିଷ ରଞ୍ଜନ ପଣ୍ଡା)

୨୦୨୪ ବର୍ଷ ଆରମ୍ଭରୁ ସଫେଇ କର୍ମଚାରୀ ଦରମା ବୃଦ୍ଧି ସହ ଅନ୍ୟାନ୍ୟ ସରକାରୀ ସୁବିଧା ପ୍ରଦାନ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାମ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଫଳରେ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ସହରରେ କୁଢ଼ କୁଢ଼ ଆବର୍ଜନା ଭରି ରହିଛି । ଏପରିକି ଅଳିଆ ଆବର୍ଜନା ନେଉଥିବା ଭ୍ରାମ୍ୟମାଣ ଗାଡ଼ି ନ ଆସିବାରୁ ଲୋକେ ଘରର ଆବର୍ଜନା ଏଣେତେଣେ ଫୋପାଡୁଛନ୍ତି । ଅନ୍ୟପଟେ ଜିରୋ ନାଇଟ ସେଲିବ୍ରେସନ ଏବଂ ଚଇତି ପାଳନ ହୋଇଥିବାରୁ ଜିସିଡି ପଡ଼ିଆ ସମେତ ସହର ସାରା ଆବର୍ଜନା ଭରି ରହିଛି । ସୋମବାର ନ୍ୟୁକଲୋନିଠାରେ ଏକ କୁକୁର ଛୁଆ ମରି ପଡ଼ିଥିବାରୁ ଦୁର୍ଗନ୍ଧରେ ଅଞ୍ଚଳ ଫାଟି ପଡୁଛି । ମଙ୍ଗଳବାର ଦ୍ୱିତୀୟ ଦିନରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଜାରି ରହିଛି । ସଫେଇ କର୍ମଚାରୀମାନେ ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ପ୍ରଥମେ ପୌରାଧ୍ୟକ୍ଷ ଏବଂ ପରେ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏ ନେଇ ଜିଲା ଶ୍ରମ ଅଧିକାରୀ ଯଶ୍ୱିନ ସାହୁ ସେମାନଙ୍କୁ ବୁଝାଶୁଝା କରିଥିବା ଜଣାପଡ଼ିଛି । ବୁଧବାରଠାରୁ ସେମାନେ କାମ କରିବା ନେଇ ରାଜି ହୋଇଥିବା ଜିଲା ଶ୍ରମ ଅଧିକାରୀ ଯଶ୍ୱିନ ସାହୁ ସୂଚନା ଦେଇଛନ୍ତି । ବର୍ଷର ପ୍ରଥମ ଦିନରେ ସହରର ଆର୍ବଜନା ସଫା ପାଇଁ ସାନିଟାଇଜେଶନ ଟେଣ୍ଡର ପାଇଥିବା କମ୍ପାନୀ ଚନ୍ଦନ ସିକ୍ୟୁରିଟି ସର୍ଭିସ କାମ ଆରମ୍ଭ କରିବାକୁ ଥିବା ବେଳେ ଦରମା ବୃଦ୍ଧି ସାଙ୍ଗକୁ ଅନ୍ୟ ସରକାରୀ ସୁବିଧା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସଫେଇ କର୍ମଚାରୀ । ସଫେଇ କର୍ମଚାରୀ ନିଜର ଦରମା ବୃଦ୍ଧି ଓ ଚିକିତ୍ସା ସୁବିଧା ପାଇଁ ଦୀର୍ଘ ଦିନରୁ ଦାବିକରି ଆସୁଥିଲେ ମଧ୍ୟ କୌଣସି ଘରୋଇ କମ୍ପାନୀ ସେମାନଙ୍କ ଦାବି ପୂରଣ କରୁ ନ ଥିବା ଏବଂ ପୌର ପ୍ରଶାସନ ଏଥିପ୍ରତି କୌଣସି ସ୍ଥାୟୀ ସମାଧାନ କରୁ ନ ଥିବାରୁ ବାଧ୍ୟ ହୋଇ ଆନ୍ଦୋଳନ କରୁଛୁ ବୋଲି ସଫେଇ କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି ।

ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା


ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ୨ ଦିନ ହେଲା ଧାରଣାରେ ସଫେଇ କର୍ମଚାରୀ

ସହରର ୨୪ଟି ୱାର୍ଡ ୬ଟି ଜୋନ୍‌ରେ ବିଭକ୍ତ କରାଯାଇ ସଫେଇ କାର୍ଯ୍ୟର ଘରୋଇକରଣ ହୋଇଛି । ଏହି ୬ଟି ଜୋନ୍‌ରେ ୨୪୦ ଜଣ କର୍ମଚାରୀ କାମରେ ନିୟୋଜିତ ହୋଇଥାନ୍ତି । ଏହାବ୍ୟତୀତ ୧୮ ଜଣ ଡ୍ରାଇଭର ମଧ୍ୟ ରହିଛନ୍ତି । ତେବେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଦୈନିକ ୩୫୨ ଟଙ୍କା ହିସାବରେ ମଜୁରି ପ୍ରଦାନ କରାଯାଉଛି । କିନ୍ତୁ ସେମାନଙ୍କ ସ୍ୱାସ୍ଥ୍ୟସେବା ଓ ସୁରକ୍ଷା ପ୍ରତି ଘରୋଇକରଣ ସଂସ୍ଥା ଓ ଠିକାଦାର ଧ୍ୟାନ ଦେଉନାହାନ୍ତି । କିମ୍ବା ସ୍ୱାସ୍ଥ୍ୟ ଓ ସୁରକ୍ଷା କିଟ୍ କିଣିବା ପାଇଁ ଟଙ୍କା ମାଗିଲେ ଦିଆଯାଉନାହିଁ । ଫଳରେ ମାସିକ ମାତ୍ର ୧୦ ହଜାର ଟଙ୍କାରେ ସଫେଇ କରି ନିଜର ସ୍ୱାସ୍ଥ୍ୟ ରକ୍ଷା ଓ ଶରୀର ପାଇଁ ସୁରକ୍ଷା କିଟ୍ କିଣିବା ଅସମ୍ଭବ ହୋଇଥିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି । ଭୋରରୁ ରାତି ପର୍ଯ୍ୟନ୍ତ ସହରର ସଫେଇ ସହ ଡ୍ରେନ୍‌ଗୁଡ଼ିକ ମଧ୍ୟ ସଫେଇ କରାଯାଉଛି । ବଡ଼ ବଡ଼ ଅଫିସରଙ୍କ ଘରେ ମଧ୍ୟ ଶୌଚାଳୟ ସଫେଇ କାର୍ଯ୍ୟ କରୁଛନ୍ତି । ତଥାପି ପୌର ପରିଷଦ ଯେଉଁ ମାପଦଣ୍ଡ ରଖିଛି ତାହା ପାଳନ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି ।

# ଭିଜିଲାନ୍ସ କୋର୍ଟ ପକ୍ଷରୁ ଲକ୍ଷ୍ମୀନାରାୟଣଙ୍କୁ ୩ ବର୍ଷ ଜେଲ

ରାୟଗଡ଼ା,୨।୧(ଆଶିଷ ରଞ୍ଜନ ପଣ୍ଡା)

ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ମଙ୍ଗଳବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ରାୟଗଡ଼ା ସର୍ବଶିକ୍ଷା ଅଭିଯାନ ଅଧୀନ ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟରେ ଆର୍ଥିକ ପରାମର୍ଶଦାତା ଲକ୍ଷ୍ମୀନାରାୟଣ ଶତପଥୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫ ହଜାର ଟଙ୍କା ଜରିମାନା ମଧ୍ୟ କରିଛନ୍ତି । ଜରିମାନା ଅନାଦାୟେ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଆଦେଶ କରିଛନ୍ତି । ମାମଲାର ଶୁଣାଣି ସମୟରେ ଲକ୍ଷ୍ମୀନାରାୟଣ ଶତପଥୀ କୋର୍ଟରେ ହାଜର ହୋଇ ନ ଥିବାରୁ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି ।

### ଲାଞ୍ଚ ନେବା ଘଟଣାରେ ୧୦ ବର୍ଷ ପରେ ଦୋଷୀ ସାବ୍ୟସ୍ତ

ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟରେ କାର୍ଯ୍ୟରତ ଆର୍ଥିକ ପରାମର୍ଶଦାତା ଲକ୍ଷ୍ମୀନାରାୟଣ ଶତପଥୀ ଏବଂ ପୂର୍ବରୁ କାର୍ଯ୍ୟରୁ ନିଲମ୍ବିତ ଯୋଜନା ସଂଯୋଜକ ଜୟନାରାୟଣ ତ୍ରୈଲୋକ୍ୟନାଥ ଉଭୟ ଅଭିଯୋଗକାରୀଙ୍କଠାରୁ ୨୦୧୩ରେ ଚେକ୍ ବାବଦକୁ ୧୦ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ । ଏ ନେଇ ଭିଜିଲାନ୍ସ ପକ୍ଷରୁ ଲାଞ୍ଚ ମାଗିବା ଓ ନେବା ଅପରାଧରେ ଜିଆର ନଂ ୪୯/୨୦୧୩ରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଭୁବନେଶ୍ୱର ଡିଭିଜନ ପୂର୍ବତନ ଇନ୍ସପେକ୍ଟର ଅନୁପମା ମହାପାତ୍ର, ସ୍ପେଶାଲ ସେଲ୍ ଡିଏସ୍‌ପି ତଦନ୍ତ କରିଥିଲେ । ଏହି ମାମଲାକୁ କୋର୍ଟରେ ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ଆଇନଜୀବୀ ହେମନ୍ତ କୁମାର ସ୍ୱାଇଁ ପରିଚାଳନା କରିଥିଲେ ।

# ନୂତନ ଭାଗବତ ଟୁଙ୍ଗି ନିର୍ମାଣ


ଭାଟଗୁଡା ଶ୍ରୀଚୈତନ୍ୟ ଭାଗବତ ଟୁଙ୍ଗିରେ ଭାଗବତ ପାରାୟଣ କରାଯାଉଛି ।

ମୁନିଗୁଡ଼ା,୨।୧ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ଆଦିତ୍ୟ ବାହିନୀ ସମ୍ପାଦକ ପି.ସୁଧାକର ପାତ୍ରଙ୍କ ସଭାପତିତ୍ୱ ଓ ସଂଯୋଜକ ବଂଶୀଧର ନନ୍ଦଙ୍କ ସଂଯୋଜନାରେ ବିଷମକଟକ ବ୍ଲକ ଅନ୍ତର୍ଗତ ଚାଞ୍ଚରାଗୁଡା ପଞ୍ଚାୟତର ଭାଟଗୁଡା ଗ୍ରାମରେ ନୂତନ ଭାବରେ ଏକ ଭାଗବତ ଟୁଙ୍ଗି ଗଠନ କରାଯାଇଛି । ଉକ୍ତ ଟୁଙ୍ଗିର ନାମକରଣ ଶ୍ରୀଚୈତନ୍ୟ ଭାଗବତ ଟୁଙ୍ଗି, ଭାଟଗୁଡା ଭାବେ ନାମିତ ହୋଇଛି । ଆଦିତ୍ୟ ବାହିନୀ ମୁନିଗୁଡା ଶାଖାର ଏହା ୫୧ତମ ଭାଗବତ ଟୁଙ୍ଗି । ଟୁଙ୍ଗିର ସଭାପତି ହେଲେ ଟଙ୍କଧର କାଶୀ, ସମ୍ପାଦକ ଭଗବାନ କାଶୀ ଓ କୋଷାଧ୍ୟକ୍ଷ ମିଶ୍ର କାଶୀ ଏବଂ ଆବାହକ ହେଲେ ମକର କାଶୀ । ଗୁରୁ ଦୁର୍ଯ୍ୟୋଧନ ଦାସ ପୂଜାର୍ଚ୍ଚନା କରବା ପରେ ସଂଯୋଜକ ବଂଶୀଧର ନନ୍ଦ ତୁଳସୀ ବନ୍ଦନା, ମଙ୍ଗଳା ଚରଣ ଓ ଭାଗବତ ପାରାୟଣ କରି ପ୍ରତିଦିନ କିପରି ପାଠ କରାଯିବ ତାହା ବୁଝାଇଥିଲେ । ସଭାପତି ଟଙ୍କଧର ଗାଜିବିଲି ଆଳତି ମନ୍ତ୍ର ପାଠ କରିଥିଲେ ଏବଂ ଗୋବର୍ଦ୍ଧନ ମଠ ତଥା ଜଗତଗୁରୁଙ୍କ ବିଷୟରେ ଆଲୋକପାତ କରିଥିଲେ । ହରିଶ୍ଚନ୍ଦ୍ର କାଶୀ, ଭୀମ କାଶୀ, ଅଜିତ ମହାରଣା ଓ ପ୍ରଭାକର ଲାବଲା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଜୟପୁର,୨।୧ (ପବନ ପାଣିଗ୍ରାହୀ)

ଜୟପୁରରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ଧନପୁର ଗ୍ରାମର ସମାରୁ ଭୁମିଆ (୨୧) । ଭୁମିଆ ଓ ଅନ୍ୟ ଜଣେ ବାଇକ୍‌ରେ ଜୟପୁର ଅଭିମୁଖେ ଆସୁଥିବା ବେଳେ ନବରଙ୍ଗପୁର ଅଭିମୁଖେ ଯାଉଥିବା ଏକ ଟାଟା ମ୍ୟାଜିକ ଗାଡି ସହ ଯୋଗିପୁଟ ଛକରେ ମୁହାଁ ମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ସମାରଙ୍କ ମୃତ୍ୟୁ ହୋଇଯାଇଥିଲା । ବାଇକ୍‌ରେ ବସିଥିବା ବ୍ୟକ୍ତି ଜଣକ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଖବରପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଟାଟା ମ୍ୟାଜିକ ଗାଡିକୁ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

### ମଣ୍ଡିରେ ସମୀକ୍ଷା କଲେ ଉପଜିଲାପାଳ

ଜୟପୁର,୨।୧ (ପବନ ପାଣିଗ୍ରାହୀ )

ମଣ୍ଡିରେ ଧାନ କ୍ରୟ କିପରି ଚାଲିଛି ସେ ନେଇ ମଙ୍ଗଳବାର ସମୀକ୍ଷା କରିଛନ୍ତି ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡ଼ା । ଆର୍‌ଏମ୍‌ସି ୟାର୍ଡରେ ଧାନମଣ୍ଡି ଚାଲିଥିବା ସମୟରେ ଉପ ଜିଲାପାଳ ପରିଡା ପହଞ୍ଚି ଚାଷୀ ଓ କ୍ରୟକାରୀ ସଂସ୍ଥା ସହ ଆଲୋଚନା କରିଛନ୍ତି । ଧାନ ବିକ୍ରି ବେଳେ ଚାଷୀ ଯେପରି ସମସ୍ୟାରେ ନ ପଡିବେ ସେନେଇ ଉପଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି ସମୟରେ ସହକାରୀ ଯୋଗାଣ ଅଧିକାରୀ ସୁଶୀଲ ଜେନା ଉପସ୍ଥିତ ଥିଲେ ।

# ଲୋକେ ସଚେତନ ହେଲେ ଦୁର୍ଘଟଣା ଆଶଙ୍କା କମ୍

ବିଷମ କଟକ, ୨।୧(ବିଭୂତି ଭୂଷଣ ନାୟକ)

ସାରା ରାଜ୍ୟରେ ଜାନୁଆରୀ ୧ରୁ ୭ ତାରିଖ ଯାଏଁ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ବିଷମ କଟକରେ କଡ଼ାକଡ଼ି ଭାବେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯିବା ସହ ଆଇନ ଅବମାନନା କରୁଥିବା ଗାଡି ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଲୋକେ ଟ୍ରାଫିକ୍ ନିୟମ ବିଷୟରେ ସଚେତନ ହେଲେ ଦୁର୍ଘଟଣା ଆଶଙ୍କା କମ୍ ରହିବ । ତେଣୁ ବିଷମକଟକ ପୋଲିସ ଓ ଜିଲା ପରିବହନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ରାସ୍ତାରେ ଅମାନିଆଙ୍କୁ ଅଟକାଇ ସମସ୍ତଙ୍କୁ ଅନୁରୋଧ କରି ସଚେତନ କରାଯାଇଥିବା ଦେଖିବାକୁ ମିଳିଛି । ୨ଚକିଆ ଯାନ ଚଳାଉଥିବା


ବିଷମକଟକ ପୋଲିସ ଓ ଜିଲା ପରିବହନ ବିଭାଗ ଅଧିକାରୀ ଲୋକଙ୍କୁ ଅଟକାଇ ସଚେତନ କରାଉଛନ୍ତି ।

### ବିଷମକଟକରେ ସଡ଼କ ସୁରକ୍ଷା ସପ୍ତାହ

ସମୟରେ ହେଲମେଟ ବ୍ୟବହାର, ଗାଡି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା, ମାଦକ ଦ୍ରବ୍ୟ ସେବନ କରି ଗାଡି ନ ଚଲେଇବା, ୧୮ ବର୍ଷରୁ କମ୍ ପିଲାଙ୍କୁ ଗାଡି ନ ଦେବା ପାଇଁ ଅନୁରୋଧ କରାଯାଉଛି । ଚାରି ଚକିଆ ଗାଡ଼ି ଚାଳକ ସିଟ ବେଲ୍ଟ ବ୍ୟବହାର କରିବା ଓ ପାର୍କିଙ୍ଗ ପ୍ଲେସରେ ଗାଡି ରଖିବାକୁ ସଚେତନ କରାଯାଉଛି । ସ୍ଥାନୀୟ ଲୋକେ ଗୃହପାଳିତ ପଶୁଙ୍କୁ ରାସ୍ତା ଉପରେ ନ ଛାଡିବା,ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଓ ବିଭିନ୍ନ କାର୍ଯ୍ୟାଳୟ ପାଖରେ କର୍କଶ ସ୍ୱରରେ ହର୍ଣ୍ଣ ନ ବଜାଇବା ସହିତ ଗାଡି ଧୀରେ ଚଲାଇବାକୁ ଅନୁରୋଧ କରାଯାଉଛି । ଏହି ନିୟମକୁ ଅବମାନନା କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଲୋକଙ୍କୁ ସଚେତନ କରାଯାଉଛି । ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ନେତୃତ୍ୱରେ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ି, ପ୍ରଶ୍ନ କୁମାର ନାୟକ ଓ ଥାନାର ଅନ୍ୟ କର୍ମଚାରୀମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ସଚେତନ କରିଥିଲେ ।

## ପାଣିରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ପଡିଆ,୨।୧(ଭାସ୍କର ରାଓ)

ପାଣିରେ ବୁଡି ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ମାଲକାନଗିରି ଜିଲା ପଡିଆ ବ୍ଲକ ଏମ୍‌ଭି ୭୯ଥାନା ଅନ୍ତର୍ଗତ ଗିରକାନପାଲ୍ଲୀ ପଞ୍ଚାୟତ ସଦର ଗ୍ରାମର ପଦିଆ ବେଟି (୭୯) । ସୋମବାର ଅପରାହ୍ନରେ ପଦିଆ ଘରଠାରୁ ପ୍ରାୟ ୧ କି.ମି. ଦୂରରେ ଥିବା ଗ୍ରାମ ପୋଖରୀକୁ ଯାଇଥିଲେ । ସେଠାରୁ ଫେରି ନ ଥିଲେ । ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜା ଖୋଜି କରି ତାଙ୍କୁ ପାଇ ନ ଥିଲେ । ମଙ୍ଗଳବାର ସକାଳେ ବୃଦ୍ଧାଙ୍କ ମୃତଦେହ ପୋଖରୀରେ ଭାସୁ ଥିବା ଦେଖି ଏମ୍‌ଭି ୭୯ ଥାନାକୁ ଖବର ଦେଇଥିଲେ ।

# ପୁଅଙ୍କୁ ହତ୍ୟା ସନ୍ଦେହରେ ଥାନାରେ ଅଭିଯୋଗ

ମାଲକାନଗିରି,୨।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଏମ୍‌ଭି-୨ ଗ୍ରାମର ଦୟାଲ ବିଶ୍ୱାସଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି । ଏମ୍‌ଭି-୨ ଗ୍ରାମର ଗୋକୁଲ ବିଶ୍ୱାସଙ୍କ ପୁଅ ଦୟାଲ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ସଦର ମହକୁମାସ୍ଥିତ ଶିବମ୍ ଏଣ୍ଟରପ୍ରାଇଜେସ୍ ହାଡ୍‌ୱେର ଷ୍ଟୋରରେ କାମ କରୁଥିଲେ । ତେବେ ମଙ୍ଗଳବାର ଅପରାହ୍ନ ୨ଟାରେ ଏମ୍‌ଭି- ୪୨ ଗ୍ରାମସ୍ଥିତ ଦୋକାନ ଗୋଦାମ ନିକଟରେ ଦୟାଲ ଗୁରୁତର ଅବସ୍ଥାରେ ପଡିଥିବା କେହି ଜଣେ ତାଙ୍କ ବାପା ଗୋକୁଲଙ୍କୁ ଫୋନ୍ କରି ଜଣାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଦୋକାନ ମାଲିକ ଓ ତାଙ୍କ ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ବାପା ଗୋକୁଲ ଚିକିତ୍ସାଳୟକୁ ଯାଇ ପୁଅଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଦେଖିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଦୟାଲଙ୍କ ମୃତ୍ୟୁ ହୋଇଥିଲା । ଏହା ପରେ ଗୋକୁଲ ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦେଇଥିଲେ । ଦୋକାନ ମାଲିକ ଓ ତାଙ୍କ ପୁଅ ମିଶି ଦୟାଲଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ପୋଲିସ ନଂ.୫/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଗୁଣପୁର, ୨।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ କାଳୀପୂଜା ମଣ୍ଡପଠାରେ ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷଣ କେନ୍ଦ୍ର ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । କାଳୀପୂଜା କମିଟି ସଭାପତି ତଥା ପ୍ରେସ କ୍ଲବ୍ ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଗୋବିନ୍ଦ ପ୍ରସାଦ ଖାଡଙ୍ଗା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ରାଜ୍ୟ ଉତ୍କଳ କରାଟେ ସ୍କୁଲ ଦ୍ୱାରା ଅନୁବନ୍ଧିତ ଗୁଣପୁର ଉତ୍କଳ କରାଟେ ସ୍କୁଲର ଏହା ଦ୍ୱିତୀୟ ପ୍ରଶିକ୍ଷଣ କେନ୍ଦ୍ର । ୩ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବର୍ଗର ଲୋକ ଏଥିରେ ପ୍ରଶିକ୍ଷଣ ନେଇ ପାରିବେ । ପ୍ରତିଦିନ ଅପରାହ୍ନ ୫ଟାରୁ ପ୍ରଶିକ୍ଷଣ ଦିଆଯିବ ବୋଲି କରାଟେ ସ୍କୁଲର ଅଧ୍ୟକ୍ଷ ତଥା ପ୍ରଶିକ୍ଷକ ଲବ ବାଉରି ସୂଚନା ଦେଇଛନ୍ତି । ଉଦ୍‌ଘାଟନୀ ଅବସରରେ ନୂତନ ଭାବେ ୧୦ଜଣ ପ୍ରଶିକ୍ଷଣ ନେବା ପାଇଁ ଆବେଦନ କରିଥିଲେ । ଆତ୍ମରକ୍ଷା, ମନୁଷ୍ୟର ମାନସିକ ଓ ବୌଦ୍ଧିକ ସନ୍ତୁଳନ ରକ୍ଷା କରିବାରେ କରାଟେ ଶିକ୍ଷା ସମସ୍ତଙ୍କ ପାଇଁ ଆବଶ୍ୟକ ବୋଲି ଆବାହକ ଅନନ୍ତ ପାତ୍ର କହିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଭାରୋତ୍ତୋଳନକାରୀ ପଦ୍ମଚରଣ ପଣ୍ଡା, କରାଟେ ସ୍କୁଲର କାର୍ଯ୍ୟକାରୀ ସଭାପତି ପି. ରାଜା, ଉପଦେଷ୍ଟା ତ୍ରିନାଥ ବାଉରି, କୁନୁ, ରାଜେଶ ପୃଷ୍ଟି, ଏଲ୍. ସନ୍ତୋଷ, ପୁରାତନ ସମସ୍ତ ଛାତ୍ର ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିଙ୍କ ଗହଣରେ କରାଟେ ପ୍ରଶିକ୍ଷାର୍ଥୀ ।

# ଚୋରଙ୍କ ଟାର୍ଗେଟରେ ବନ୍ଦ ଘର

ରାୟଗଡ଼ା,୨।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଓ ଏହାର ଉପକଣ୍ଠରେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି । ବିଶେଷକରି ତାଲା ପଡ଼ିଥିବା ଘରକୁ ଟାର୍ଗେଟ କରୁଛନ୍ତି ଦୁର୍ବୃତ୍ତ । ସହରର ବ୍ରାହ୍ମଣସାହିରେ ରହୁଥିବା ସୁପ୍ରଭା ଶତପଥୀଙ୍କ ଘର ଗ୍ରୀଲରେ ଲାଗିଥିବା ତାଲା ଭାଙ୍ଗି ଦୁର୍ବୃତ୍ତ ଘରେ ପଶି ସୁନା ଓ ରୁପା ଅଳଙ୍କାର ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଗତ ୨୮ ତାରିଖରେ

### ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ଚୋରି

ସୁପ୍ରଭା ପାରଳାଖେମୁଣ୍ଡି ଯାଇଥିଲେ । ସୋମବାର ସନ୍ଧ୍ୟାରେ ରାୟଗଡ଼ା ଫେରି ଘରେ ପହଞ୍ଚିବା ପରେ ମେନ୍ ଗେଟ୍‌ରେ ତାଲା ପଡ଼ିଥିବା ଦେଖିଥିଲେ । ହେଲେ ତାଲା ଖୋଲି ଭିତରକୁ ଯାଇ ଦେଖିବା ବେଳକୁ ପ୍ରଥମ ଗ୍ରୀଲ ଏବଂ କବାଟ ତାଲା ପଡିଥିବା ରିଂକୁ କଟାଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ଘର ଭିତରେ ରହିଥିବା ଦୁଇଟି ରୁମ୍‌ରେ ସମାନ ଭାବରେ କବାଟ ତାଲା ରିଂକୁ କାଟି ଦୁଇଟି ଆଲମିରାରୁ ପ୍ରାୟ ୧୬୫ ଗ୍ରାମ ଓଜନର ସୁନା ଏବଂ ୧୨୦ ଗ୍ରାମ ଓଜନର ରୁପା ଗହଣା ଲୁଟକରି ନେଇଥିବା ଅଭିଯୋଗ କରିଛନ୍ତି । ଏ ନେଇ ସୁପ୍ରଭା ଶତପଥୀ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, ଆଇଆଇସି କେ.କେ.ବି.କେ. କହଁର ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ । ଏଥିସହ ସେଠାରେ ଲାଗିଥିବା ସିସିଟିଭି ଫୁଟେଜକୁ ମଧ୍ୟ ପୋଲିସ ଯାଞ୍ଚ କରିଥିଲା । ଚୋରଙ୍କ ସମ୍ପର୍କରେ ପୋଲିସ ତଦନ୍ତରୁ ସୂଚନା ମିଳିଥିବା ଜଣାପଡ଼ିଛି । କିଛି ଦିନ ତଳେ ଥାନାଠାରୁ ଅଳ୍ପ ଦୂରରେ ଯେଉଁ ଗ୍ୟାଙ୍ଗ୍ ଚୋରି କରିଥିଲେ, ସେହିମାନେ ହିଁ ଏଥିରେ ସମ୍ପୃକ୍ତ ଥିବା ସୂଚନା ମିଳିଛି । ଏ ସମ୍ପର୍କରେ ଆଇଆଇସି କହଁର କହିଛନ୍ତି, ଘଟଣାର ଅନୁସନ୍ଧାନ କରାଯାଉଛି, ଖୁବ୍‌ଶୀଘ୍ର ଚୋରଙ୍କୁ ଧରାଯିବ ।


ଚୋରି ପରେ ଆଲମିରା ଜିନିଷପତ୍ର ଏପଟସେପଟ ହୋଇପଡ଼ିଛି ।

# ଚେରକଟା, ଜଳାଖୁରାରେ ପର୍ଯ୍ୟଟକଙ୍କ ଭିଡ଼



ନୂଆବର୍ଷ ଉପଲକ୍ଷେ କାଶୀପୁର ବ୍ଲକରେ ଥିବା ଜଳାଖୁରା ଓ ଚେରକଟା ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ ।

ଟିକିରି, ୨।୧ (ପ୍ରଫୁଲ୍ଲ କୁମାର ବେହେରା)

ନୂଆବର୍ଷରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଲାଗିଛି ପର୍ଯ୍ୟଟକଙ୍କ ଭିଡ । ଅନ୍ୟ ସ୍ଥାନ ଭଳି ରାୟଗଡ଼ା ଜିଲା କାଶୀପୁରଠାରୁ କିଛି ଦୂରରେ ଥିବା ଚେରକଟା ଓ ଜଳାଖୁରାରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ସହ ସ୍ଥାନୀୟ ଲୋକଙ୍କ ମଧ୍ୟ ଭିଡ ଜମୁଛି । ଏଠାରେ ଥିବା ପ୍ରାକୃତିକ ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରୁଛି । ପର୍ଯ୍ୟଟକମାନେ ଝରଣାର କୁଲୁକୁଳୁ ଶବ୍ଦ ସାଙ୍ଗକୁ ଗାଧୋଇବାର ମଜା ନେଉଛନ୍ତି । ହେଲେ ପ୍ରଶାସନ ପକ୍ଷରୁ ଏହି ୨ ପର୍ଯ୍ୟଟନସ୍ଥଳୀର ବିକାଶ କରାଯାଉ ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜଳାଖୁରା ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ

### କାଶୀପୁର ପର୍ଯ୍ୟଟନସ୍ଥଳୀ

ବର୍ଷାଦିନେ ଗ୍ରାବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ବଣଭୋଜି ପାଇଁ ଜଳାଖୁରାଠାରେ ଛାତ ପିଣ୍ଡି ବନେଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ପୁଜିସିଲ ନିକଟରେ ବିଶ୍ରାମାଗାର ଓ ପିଇବା ପାଣିର ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି । ନୂଆବର୍ଷରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଭୋଜଭାତ କରି ଖୁସି ମନାଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ପର୍ଯ୍ୟଟନସ୍ଥଳରେ ଭୋଜି କରୁଥିବା ଲୋକଙ୍କୁ ଜାଳେଣି କାଠ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରିକରି ଦୁଇପଇସା ରୋଜଗାର କରୁଥିବା କହିଛନ୍ତି ।

**ସଂକ୍ଷେପରେ**

## ପାଣିରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ପଡିଆ,୨।୧ (ଭାସ୍କର ରାଓ)

ପାଣିରେ ବୁଡି ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଡିଆ ବ୍ଲକ ଏମ୍ଭି ୭୯ଥାନା ଅନ୍ତର୍ଗତ ଗିରକାନପାଲ୍ଲୀ ପଞ୍ଚାୟତ ସଦର ଗ୍ରାମର ପଦିଆ ବେଟି (୭୯)। ପ୍ରକାଶ ଯେ, ସୋମବାର ଅପରାହ୍ନରେ ପଦିଆ ବତକ ଗୋଡ଼ାଇ ଆଣିବାକୁ ଘରଠାରୁ ପ୍ରାୟ ୧ କି.ମି. ଦୂରରେ ଥିବା ଗ୍ରାମ ପୋଖରୀକୁ ଯାଇଥିଲେ। ସେଠାରୁ ଫେରି ନ ଥିଲେ । ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜା ଖୋଜି କରି ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସକାଳେ ବୃଦ୍ଧାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଏମ୍ଭି ୭୯ ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବଦ କରି ନମ୍ବର ୧/୨୩ରେ ମାମଲା ରୁଜୁ କରିଛି।

## ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ମାଲକାନଗିରି,୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଗାଦିପୁଟ ନିକଟରେ ସଡ଼କ ଦୁର୍ଘଟଣାରେ ୨ ଗୁରୁତର ହୋଇଛନ୍ତି। ଉଭୟ ଗୁରୁତର ଶିଖପାଲି ଗ୍ରାମର ବାଲା ଗୁରୁତେଲି ଓ ବିଶ୍ୱନାଥ ପୂଜାରୀ । ସୋମବାର ରାତିରେ ବାଲା ଓ ବିଶ୍ୱନାଥ ସ୍କୁଟିରେ ଖଇରପୁଟ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗାଦିପୁଟ ଗ୍ରାମ ନିକଟରେ ଅପର ପାର୍ଶ୍ୱରୁ ଆସୁଥିବା ଏକ ବସ୍‌ରେ ପିଟି ହୋଇଯାଇ ଗୁରୁତର ହୋଇଥିଲେ। ସେଠାରୁ ତାଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ କୁଦୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମଙ୍ଗଳବାର ସ୍ଥାନାନ୍ତର କରାଯାଇଛି।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଜୟପୁର,୨।୧ (ପବନ ପାଣିଗ୍ରାହୀ)

ଜୟପୁରରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଧନପୁର ଗ୍ରାମର ସମାରୁ ଭୁମିଆ (୨୧)। ଭୁମିଆ ଓ ଅନ୍ୟ ଜଣେ ବାଇକ୍‌ରେ ଜୟପୁର ଅଭିମୁଖେ ଆସୁଥିବା ବେଳେ ନବରଙ୍ଗପୁର ଅଭିମୁଖେ ଯାଉଥିବା ଏକ ଟାଟା ମ୍ୟାଜିକ ଗାଡି ସହ ଯୋଗିପୁଟ ଛକରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ସମାରଙ୍କ ମୃତ୍ୟୁ ହୋଇଯାଇଥିଲା। ବାଇକ୍‌ରେ ବସିଥିବା ବ୍ୟକ୍ତି ଜଣକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଟାଟା ମ୍ୟାଜିକ ଗାଡିକୁ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ମଣ୍ଡିରେ ସମୀକ୍ଷା କଲେ ଉପଜିଲାପାଳ

ଜୟପୁର,୨।୧ (ପବନ ପାଣିଗ୍ରାହୀ)

ମଣ୍ଡିରେ ଧାନ କ୍ରୟ କିପରି ଚାଲିଛି ସେ ନେଇ ମଙ୍ଗଳବାର ସମୀକ୍ଷା କରିଛନ୍ତି ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡା। ଆର୍‌ଏମ୍‌ସି ୟାର୍ଡରେ ଧାନମଣ୍ଡି ଚାଲିଥିବା ସମୟରେ ଉପ ଜିଲାପାଳ ପରିଡା ପହଞ୍ଚି ଚାଷୀ ଓ କ୍ରୟକାରୀ ସଂସ୍ଥା ସହ ଆଲୋଚନା କରିଛନ୍ତି। ଧାନ ବିକ୍ରି ବେଳେ ଚାଷୀ ଯେପରି ସମସ୍ୟାରେ ନ ପଡିବେ ସେନେଇ ଉପଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ ସହକାରୀ ଯୋଗାଣ ଅଧିକାରୀ ସୁଶୀଲ ଜେନା ଉପସ୍ଥିତ ଥିଲେ।

## ବିଦ୍ୟାଳୟରୁ ଚୋରି ନେଇ ଅଭିଯୋଗ

ଜୟପୁର,୨।୧ (ପବନ ପାଣିଗ୍ରାହୀ)

ଜୟପୁର ସହରର ହରିଜନ ସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ନିକଟରେ ଚୋରି ହୋଇଛି। ଏନେଇ ଟାଉନ ଥାନାରେ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଅଭିଯୋଗ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନିମା ମିଶ୍ର ଅଭିଯୋଗ କରିଛନ୍ତି , ଏକ୍ମାସ ଛୁଟି ସମୟରେ ବିଦ୍ୟାଳୟ ବନ୍ଦ ଥିବା ସମୟରେ ବିଦ୍ୟାଳୟର ଏକ ଶ୍ରେଣୀକକ୍ଷ ତାଲା ଭାଙ୍ଗି କେତେଜଣ ଦୁର୍ବୃତ୍ତ ବିଭିନ୍ନ ସାମଗ୍ରୀ ଚୋରିକରି ନେଇଛନ୍ତି। ମଙ୍ଗଳବାର ବିଦ୍ୟାଳୟ ଖୋଲିବା ପରେ ଏହା ଜଣାପଡିଛି। ଲୁହା କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ କମ୍ପ୍ୟୁଟର, ଚୌକି, ଟେବୁଲ, ଷ୍ଟିଲ ଫ୍ରେମ, ପୁରୁଣା ନଥିପତ୍ର ସହ ବିଭିନ୍ନ ସରଞ୍ଜାମ ଚୋରିକରି ନେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ହାଟ ରାସ୍ତାରେ କୁଢ଼ କୁଢ଼ ଆବର୍ଜନା

ମାଥିଲି,୨।୧ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଥିଲି ବ୍ଲକ ଅଞ୍ଚଳରେ ବ୍ରିଟିଶ୍ ଅମଳରୁ ଆଜି ପର୍ଯ୍ୟନ୍ତ ସାପ୍ତାହିକ ହାଟ ଶୁକ୍ରବାର ହେଉଛି । ଏହି ହାଟ ପାଖ ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା ଦେଖିବାକୁ ମିଳୁଛି । ସାପ୍ତାହିକ ହାଟକୁ ସଂଯୋଗ ରାସ୍ତା ଦେଇ ଅନେକ ପଞ୍ଚାୟତ ଯିବାକୁ ପଡ଼ିଥାଏ । ସେହି ରାସ୍ତା ଦେଇ ଛତିଶଗଡ଼ ଯିବାକୁ ମଧ୍ୟ ଉକ୍ତ ରାସ୍ତା ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଏହି ହାଟ ରାସ୍ତା ଦେଇ ଗଲେ ଦୁର୍ଗନ୍ଧରେ ନାକ ଫାଟି ଯାଉଥିବା ମାଥିଲିବାସୀ ଅଭିଯୋଗ କରିଛନ୍ତି । ଏଥିପ୍ରତି ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ମଧ୍ୟ ଗ୍ରାମବାସୀ କହିଛନ୍ତି। ବ୍ଲକ ପ୍ରଶାସନର ସୁଯୋଗ ନେଇ ନିଲାମଧାରୀ ସାପ୍ତାହିକ ହାଟବାରିରେ ଖଜଣା ଆଦାୟ କରି ହାଟ ଚାରିପଟେ ସଫାସୁତୁରା ନ କରି



ରାସ୍ତାରେ ପଡିଥିବା ଆବର୍ଜନା ।

ସବୁତକ ଖଜଣା ଟଙ୍କାକୁ ହାତେଇ ନେଇ ନିଲାମଧାରୀ ମାଲାମାଲ୍ ହେଉଛନ୍ତି।

ଏହି ହାଟ ଉପରେ କୋଟପାଡ଼, ଜୟପୁର, ନବରଙ୍ଗପୁର, କୁନ୍ଦୁଲି, କୋରାପୁଟ, ବୋରିଗୁମ୍ମାଠୁ ଆରମ୍ଭ କରି ଛତିଶଗଡରୁ ମଧ୍ୟ କେତେକ ବ୍ୟବସାୟୀ ଆସିବାରେ ଦେଖିବାକୁ ମିଳୁଛି । ଏହିଭଳି ପରିବେଶ ମଧ୍ୟରେ ହାଟକୁ ଆସୁଥିବା ଜନ ସାଧାରଣ ଜ୍ୱର କାଶ ଆଦି ବିଭିନ୍ନ ରୋଗରେ ଆକ୍ରାନ୍ତ ହଇ ଅତିଷ୍ଠ ହୋଇଗଲେଣି। ଏଭଳି ପରିସ୍ଥିତିରେ ହାଟ ନିଲାମ ନେଇଥିବା ଲୋକ ମାସକୁ ୪ ଥର ଟିକସ୍ ଆଦାୟ କରୁଥିବା ବେଳେ ହାଟ ସଫା କରିବାର ନା ନେଉନାହାନ୍ତି। ଅଳିଆ ଆବର୍ଜନା ସଫା କରିବା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏ ସମ୍ପର୍କରେ ନିଲାମଧାରୀ ସୁଶାନ୍ତ ବେହେରାଙ୍କୁ ମୋବାଇଲ ନଂ. ୯୪୩୭୮୪୩୩୨୯ରେ ଯୋଗାଯୋଗ କରିବାରୁ ସେ ଉଠାଇ ନ ଥିଲେ। ପିଇଓ ଅଶୋକ କୁମାର ମହାରଣାଙ୍କୁ ପଚାରିବାରୁ ଆମକୁ ଜଣାଇଥିଲେ, ଆମେ ସଫା କରିଥାନ୍ତୁ ବୋଲି କହିଛନ୍ତି ।

## ୨୦୨୩ରେ ଗଞ୍ଜେଇ ଚାଲାଣ, ଚାଷ ରୋକିବାରେ ହୋଇଛି ୧୬୬ ମାମଲା

ମାଲକାନଗିରି,୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ୨୦୨୩ରେ ପୋଲିସକୁ ଗଞ୍ଜେଇ ଚାଲାଣ ଓ ଚାଷ ରୋକିବାକୁ ନେଇ ମିଳିଛି ସଫଳତା। ଏନେଇ ମାଲକାନଗିରି ଏସ୍‌ପି ନିତେଶ ୱାଧୱାନି ୨୦୨୩ରେ ଜିଲା ପୋଲିସ ଗଞ୍ଜେଇ ଚାଲାଣ ରୋକିବା ପାଇଁ କଡା ପଦକ୍ଷେପ ନେଇ ୧୬୬ ମାମଲା ରୁଜୁ କରିଛି। ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ କରି ୨୦୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ୬୨ ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣକାରୀ ଥିବା ଜଣାପଡିଥିବା ବେଳେ ପୋଲିସ ୩୫,୫୩୩.୭୫ କି.ଗ୍ରା. ଗଞ୍ଜେଇ ଜବତ କରିଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରି ପ୍ରାୟ ୫୦,୦୦୦ କେଜି ପରିମାଣର ଗଞ୍ଜେଇ ଚାଷ ନଷ୍ଟ କରିଛି। ପୋଲିସର ଏହିଭଳି ପଦକ୍ଷେପ ଯୋଗୁ ଜିଲାରେ ଗଞ୍ଜେଇ ଚାଷ ହେଉଥିବା ଅଞ୍ଚଳରେ ମଧ୍ୟ ଏହି ଚାଷ ହ୍ରାସ ପାଇଥିବା ଏସ୍‌ପି ୱାଧୱାନି ସୂଚନା ଦେଇଛନ୍ତି ।



ଅଧିକାରୀମାନେ ଗଞ୍ଜେଇଚାଷ ନଷ୍ଟ କରୁଛନ୍ତି ।

## ଯୁଗ୍ମ ଶ୍ରମ କମିଶନରଙ୍କ ସହ କାଗଜକଳ ଶ୍ରମିକ ସଂଘର ଆଲୋଚନା

ଜୟପୁର,୨।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଜୋନ୍ ଯୁଗ୍ମ ଶ୍ରମ କମିଶନର ନରେନ୍ଦ୍ର ରାଇକାଙ୍କ ସହ ମଙ୍ଗଳବାର ସେବା କାଗଜକଳ ଶ୍ରମିକ ସଂଘ ଆଲୋଚନା କରିଛି। ତାଙ୍କୁ ସାକ୍ଷାତକରି ସେବା କାଗଜକଳ ଶ୍ରମିକ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସଂଘ ସଭାପତି,ସାଧାରଣ ସମ୍ପାଦକ ପ୍ରମୋଦ ମହାନ୍ତି ଓ ପ୍ରଦୀପ ପାଣ୍ଡିଆ ଆଲୋଚନା ବେଳେ କାଗଜକଳ କର୍ତ୍ତୃପକ୍ଷ ମୃତ ଶ୍ରମିକଙ୍କ ପରିବାରଙ୍କୁ ୪ମାସ ମଧ୍ୟରେ ଗ୍ରାଚ୍ୟୁଇଟି ବାବଦ ପ୍ରାପ୍ୟ ଦେଇ ଦେବାକୁ ୧୭।୩।୨୦୨୩ରେ ଶ୍ରମ ବିଭାଗକୁ ଲେଖି ଜଣାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସ୍ୱଳ୍ପ ପରିମାଣର ଗ୍ରାଚ୍ୟୁଇଟି ବାବଦ ପ୍ରାପ୍ୟ ଦେଇ ମ୍ୟାନେଜମେଣ୍ଟ ନୀରବ ରହିଛି। ଏ ବାବଦ ମାମଲା ଫଇସଲା ପରେ ପ୍ରାପ୍ୟ ଦେବାକୁ ମ୍ୟାନେଜମେଣ୍ଟ ଚାହୁଁଥିବା ଶ୍ରମ ଯୁଗ୍ମ ଶ୍ରମ କମିଶନର ନରେନ୍ଦ୍ର ରାଇକାଙ୍କୁ ଅବଗତ କରାଯାଇଥିଲା। ଅନ୍ୟପକ୍ଷରେ ସ୍ଥାୟୀ ଶ୍ରମିକମାନଙ୍କ ଦରମା ଏଯାଏ ୪ମାସର ବାକି ରହିଛି। ଶ୍ରମିକମାନଙ୍କ ଦରମା କାଟି ରଖାଯାଉଛି। ଚାକିରି ସର୍ତ୍ତାବଳୀ ପରିବର୍ତ୍ତନ କରାଯାଉଛି ବୋଲି ଶ୍ରମ କମିଶନର ରାଇକାଙ୍କୁ ଅବଗତ କରାଯାଇଥିଲା। ତୁରନ୍ତ ମ୍ୟାନେଜମେଣ୍ଟକୁ ଅବଗତ କରାଇ ମିଳିତ ବୈଠକ କରି ସମସ୍ୟା ସମାଧାନ କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏନେଇ ଯୁଗ୍ମ ଶ୍ରମ କମିଶନର ରାଇକା କହିଛନ୍ତି, ସେ ଆଲୋଚନା ପାଇଁ କାଗଜକଳ ମ୍ୟାନେଜମେଣ୍ଟକୁ ଡାକିଛନ୍ତି। ଶ୍ରମିକସଂଘର ସମସ୍ତ ଦାବି ସମ୍ପର୍କରେ ଆଲୋଚନା ପରେ ସମ୍ପୂର୍ଣ୍ଣ ବୈଠକ ଡକାଯିବ। ଆଲୋଚନା ବେଳେ ଜିଲା ଶ୍ରମ ଅଧିକାରୀଙ୍କ ସମେତ ବସନ୍ତ ବେହେରା, ନାରାୟଣ ଦାଶ, ଅଲେଖ ପାତ୍ର ଓ ମୃତ ଶ୍ରମିକଙ୍କ ବିଧବା ସ୍ତ୍ରୀମାନେ ଉପସ୍ଥିତ ଥିଲେ।



ସଂଘ ପକ୍ଷରୁ ଯୁଗ୍ମ ଶ୍ରମ କମିଶନରଙ୍କ ସହ ଆଲୋଚନା କରାଯାଉଛି।

## କୂଅରେ ପଡ଼ି ଜଣେ ମୃତ

ଦଶମନ୍ତପୁର,୨।୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ନିନ୍ଦିଗାଁ ପଞ୍ଚାୟତର ଖରାଗୁଡା ଗ୍ରାମରେ କୂଅରେ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୁରୁ ବାଘ (୫୪)। ସେ ଗ୍ରାମଠାରୁ ୨୦୦ ମିଟର ଦୂରରେ ଥିବା ଏକ କଫି ବଗିଚାରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ତେବେ ପାଣି ଦେବା ପାଇଁ ଗୁରୁ ପାର୍ଲାଭଟା ନିକଟସ୍ଥ ଏକ କୂଅରୁ ପାଣି କାଢୁଥିବା ସମୟରେ ସେଥିରେ ପଡିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସାନପୁଅ ପବିତ୍ର ବାଘ ଏନେଇ କୋରାପୁଟ ସଦର ଥାନାରେ ଏତଲା ଦେଇଛନ୍ତି। ଏକ ଅପମୃତ୍ୟୁ ମାମଲା ରୁଜୁହୋଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନନ୍ଦପୁର ଠାକୁରାଣୀ ମନ୍ଦିର ପୂଜକଙ୍କ ପରଲୋକ

ନନ୍ଦପୁର, ୨।୧ (ଶଙ୍କର ପଜାରୀ)

କୋରାପୁଟ ଜିଲା ନନ୍ଦପୁର ଗ୍ରାମଦେବୀ ଠାକୁରାଣୀ ମନ୍ଦିର ପୂଜକ ଟଙ୍କଧର ଦିଆରି(୭୦)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ ୫୫ବର୍ଷ ଧରି ଠାକୁରାଣୀ ମନ୍ଦିର ପୂଜକ ରୂପେ କାର୍ଯ୍ୟ କରୁଥିଲେ। ୩୦ ବର୍ଷ ହେଲା ରଥଯାତ୍ରା ସମୟରେ ରଥରେ ଡାହୁକ ଦାୟିତ୍ୱ ତୁଲାଇ ନନ୍ଦପୁର ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଛୋଟପିଲାଙ୍କୁ ଦୃଷ୍ଟିଦୋଷ, ଡରା ଚମକା, ବସନ୍ତ ଆଦି ରୋଗ ପାଇଁ ସେ ଝଡ଼ାଫୁଙ୍କା କରିବା ସହ ଏଥିପାଇଁ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରୁଥିଲେ। ତାଙ୍କ ମୃତ୍ୟୁ ଖବର ନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ଖବର ପାଇ ମଙ୍ଗଳବାର ସକାଳେ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ଗୋପାଳକୃଷ୍ଣ ବେବର୍ତ୍ତା, ତହସିଲଦାର ଅନାଦି ଚରଣ ସାହୁ, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ମନ୍ଦିର ପରିଚାଳନା କମିଟି ସଭାପତି ଏନ୍.ବାବୁଲା ଦାସ, ଲିଙ୍ଗରାଜ ଚୌଧୁରୀ, ତୁଷାରକାନ୍ତ ମହାନ୍ତି, ତ୍ରିନାଥ ଖରା, ମୁନା ଦଳପତି, ଲୋକନାଥ ଚୌଧୁରୀ, ଗୋପାଳ ମାଟାମଙ୍କ ସମେତ ନନ୍ଦପୁର ଓ ପାଖଆଖ ଗ୍ରାମର ମନ୍ଦିର ସେବାୟତ ଓ ପୂଜକ ପହଞ୍ଚି ଦିଆରିଙ୍କ ଶେଷ ଦର୍ଶନ କରିଥିଲେ। ମଙ୍ଗଳବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପୁଅଙ୍କୁ ହତ୍ୟା ସନ୍ଦେହରେ ଥାନାରେ ଅଭିଯୋଗ

ମାଲକାନଗିରି,୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଏମ୍ଭି–୨ ଗ୍ରାମର ଦୟାଲ ବିଶ୍ୱାସଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏମ୍ଭି–୨ ଗ୍ରାମର ଗୋକୁଲ ବିଶ୍ୱାସଙ୍କ ପୁଅ ଦୟାଲ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ସଦର ମହକୁମାସ୍ଥିତ ଶିବମ୍ ଏଣ୍ଟରପ୍ରାଇଜେସ୍ ହାଡ୍‌ୱେର ଷ୍ଟୋରରେ କାମ କରୁଥିଲେ। ତେବେ ମଙ୍ଗଳବାର ଅପରାହ୍ନ ୨ଟାରେ ଏମ୍ଭି– ୪୨ ଗ୍ରାମସ୍ଥିତ ଦୋକାନ ଗୋଦାମ ନିକଟରେ ଦୟାଲ ଗୁରୁତର ଅବସ୍ଥାରେ ପଡିଥିବା କେହି ଜଣେ ତାଙ୍କ ବାପା ଗୋକୁଲଙ୍କୁ ଫୋନ୍ କରି ଜଣାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଦୋକାନ ମାଲିକ ଓ ତାଙ୍କ ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବାପା ଗୋକୁଲ ଚିକିତ୍ସାଳୟକୁ ଯାଇ ପୁଅଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଦେଖିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଦୟାଲଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ଗୋକୁଲ ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦେଇଥିଲେ। ଦୋକାନ ମାଲିକ ଓ ତାଙ୍କ ପୁଅ ମିଶି ଦୟାଲଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ନଂ.୫/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଡିଓଙ୍କ ୫–ଟି ହାଇସ୍କୁଲ କାର୍ଯ୍ୟ ତଦାରଖ



ସ୍କୁଲ ପରିଦର୍ଶନ କରୁଛନ୍ତି ବିଡିଓ ।

ମାଲକାନଗିରି, ୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଚତୁର୍ଥ ପର୍ଯ୍ୟାୟରେ ୫–ଟି ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଜିଲାର ବିଭିନ୍ନ ବିଦ୍ୟାଳୟରେ ଏହି କାର୍ଯ୍ୟ ଜାରିଥିବା ବେଳେ ମାଲକାନଗିରି ବ୍ଲକ ଅଧୀନରେ ଥିବା ବିଦ୍ୟାଳୟଗୁଡିକରେ କିପରି ଏହି କାର୍ଯ୍ୟ ଚାଲିଛି, ସେନେଇ ମାଲକାନଗିରି ବିଡିଓ ପ୍ରଭାତି ଝୋଡିଆ ୫ଟି ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟର ତଦାରଖ କରିଛନ୍ତି। ମାଟାପକା ହାଇସ୍କୁଲ, ବୀର ଲକ୍ଷ୍ମଣପୁର ଓ ପେଦାୱାଡା ହାଇସ୍କୁଲ ଆଦିକୁ ଝୋଡିଆ ଗସ୍ତ କରି ନିର୍ମାଣ ଚାଲିଥିବା ସ୍ମାର୍ଟ କ୍ଲାସ ରୁମ୍, ଇ–ଲାଇବ୍ରାରୀ, ସ୍ମାର୍ଟ ଲାବରେଟୋରୀ, ସ୍ମାର୍ଟ ସମ୍ମିଳନୀ କକ୍ଷ, ବାଳକ– ବାଳିକାଙ୍କ ପାଇଁ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ଓ ବଗିଚା କାର୍ଯ୍ୟ ବୁଲି ତଦାରଖ କରିଥିଲେ। ଏହି କାର୍ଯ୍ୟଗୁଡିକ ସମୟସୀମା ମଧ୍ୟରେ ସାରିବା ଓ ଉତ୍ତମ ମାନର କାର୍ଯ୍ୟ ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ଗସ୍ତ ସମୟରେ ଅଭିଜିତ ସେଠୀ, ସରୋଜ କୁମାର ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ ।

## ନନ୍ଦପୁର ଲ୍ୟାମ୍ପରେ ଧାନମଣ୍ଡି ଉଦ୍‌ଘାଟିତ

**୨ହଜାର କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ**

ନନ୍ଦପୁର, ୨।୧ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ନନ୍ଦପୁର ଲ୍ୟାମ୍ପସ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଲ୍ୟାମ୍ପ ସଭାପତି ବିଶ୍ୱନାଥ ସିସାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ତହସିଲଦାର ଅନାଦି ଚରଣ ସାହୁ, ବିଡିଓ ଦୁର୍ଗାପ୍ରସାଦ ଦୋରା, ବ୍ଲକ କୃଷି ଅଧିକାରୀ ଦେବାଶିଷ ଦେଶୀ ନାୟକ, ବିଧାୟକ ପ୍ରତିନିଧି ଗୋପାଳକୃଷ୍ଣ ବେବର୍ତ୍ତା, ମିଲର ସୁବଳେଶ୍ୱର ଏଗ୍ରି ପ୍ରସେସର ପ୍ରାଇଭେଟ୍ ଲିମିଟେଡ୍ ଡୁମୁରିପୁଟ କର୍ତ୍ତୃପକ୍ଷ, ଲ୍ୟାମ୍ପର ସମସ୍ତ ନିର୍ଦ୍ଦେଶକ ଓ ଚାଷୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ନନ୍ଦପୁର ଲ୍ୟାମ୍ପସ ୨ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ତହସିଲଦାର ସୂଚନା ଦେଇଥିଲେ। ମଣ୍ଡିରେ ଲ୍ୟାମ୍ପ ଅଧୀନ ୧୩ ପଞ୍ଚାୟତ ନନ୍ଦପୁର, ଖୁର୍ଜି, ମାଳିବେଲଗାଁ, ହିକିମପୁଟ, ନନ୍ଦକା, ଖେମୁଣ୍ଡୁଗୁଡା, କସନ୍ଦି, ରାଇସିଂ, ଥୁବା, ଭେଜା, ବାଡେଲ, ଅତଣ୍ଡା, ବିଲାପୁଟ ପଞ୍ଚାୟତର ପଞ୍ଜୀକୃତ ୫୧୮ଚାଷୀଙ୍କ ଅମଳ ଧାନ ସପ୍ତାହର ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର କ୍ରୟ କରାଯିବ। ଚାଷୀଙ୍କୁ କୁଇଣ୍ଟାଲ ପିଛା ସାଧାରଣ ଧାନ କୁଇଣ୍ଟାଲ ପିଛା ୨୧୮୩ ଓ ଗ୍ରେଡ୍ ଏ ଧାନ କୁଇଣ୍ଟାଲ ପିଛା ୨୨୦୩ ଟଙ୍କା ଦରରେ ପ୍ରଦାନ କରାଯିବ ବୋଲି ଲ୍ୟାମ୍ପସ ପରିଚାଳକ ସୁରେଶ ପଣ୍ଡା ପ୍ରକାଶ କରିଛନ୍ତି।

## କୋରାପୁଟରେ ଅକ୍ଷତ କଳସ ଯାତ୍ରା ସହ ପ୍ରତି ଘରକୁ ନିମନ୍ତ୍ରଣ

**ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ**

କୋରାପୁଟ,୨।୧ (ଅମିତାଭ ବେହେରା)

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ହେବ। ଏନେଇ କୋରାପୁଟରେ ଅକ୍ଷତ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ସହରର ପ୍ରତି ଘରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ସହ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଉଛି । କୋରାପୁଟସ୍ଥିତ ଅକ୍ଷତ କଳସକୁ ବାଲାଜୀ ମନ୍ଦିରରୁ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣ ବନ୍ଦାପନା କରି ଭବ୍ୟ ସ୍ୱାଗତ କରିଥିଲେ। ପରେ ଏହାକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଏହି ସମୟରେ ଶ୍ରୀରାମ ଧ୍ୱନିରେ କୋରାପୁଟ ସହର ପ୍ରକମ୍ପିତ ହୋଇଥିଲା । ଏହି ଅକ୍ଷତ କଳସର ପୂଜିତ ଚାଉଳ ସହ ଶ୍ରୀରାମ ମନ୍ଦିରର ଭବ୍ୟ ଫଟୋ, ନିମନ୍ତ୍ରଣ ପତ୍ର ସହ ସହରବାସୀଙ୍କ ଘରେ ଓ ବିଭିନ୍ନ ମନ୍ଦିର ପରିଚାଳନା କମିଟିକୁ ପ୍ରଦାନ କରାଯାଇଥିଲା। ଏହି ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ଯାଏ ଚାଲିବ ବୋଲି ଶ୍ରଦ୍ଧାଳୁ ସୌମେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ମଙ୍ଗଳବାର ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସଙ୍କ ଘରେ ଯାଇ ତାଙ୍କୁ ଅକ୍ଷତ ଚାଉଳ ପ୍ରଦାନ କରାଯାଇ ନିମନ୍ତ୍ରଣ କରାଯାଇଥିଲା । ଏଯାଏଁବତ ସହରରେ ୫ଶହ ଘରକୁ ନିମନ୍ତ୍ରଣ କରାଯାଇଥିବା କମିଟି ସଦସ୍ୟ ମନୋରଞ୍ଜନ ରାଉତରାୟ କହିଛନ୍ତି।

## କାକିରିଗୁମ୍ମା ଲ୍ୟାମ୍ପରେ ଧାନମଣ୍ଡି ଆରମ୍ଭ

ଲକ୍ଷ୍ମୀପୁର, ୨।୧ (ଅନନ୍ତ ନାୟକ)

କାକିରିଗୁମା ଲ୍ୟାମ୍ପଠାରେ ମଙ୍ଗଳବାର ଖରିଫ ଧାନମଣ୍ଡି ଆରମ୍ଭ ହୋଇଛି। ଲ୍ୟାମ୍ପ୍ ସଭାପତି ସାମୁନ୍ଦୁ ସାଉନ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଭୁ ଜାନି, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପୁର ବ୍ଲକ ଅଧ୍ୟକ୍ଷା ଶୁଆଇ କୁଲେସିକା, ସହକାରୀ ନିବନ୍ଧକ ଅମୂଲ୍ୟ ସେଠୀ, କୋ–ଅପରେଟିଭ୍ ଇନ୍ସପେକ୍ଟର ଗୌରୀଶଙ୍କର ପାଣି, ଆର୍‌ଏମ୍‌ସି ମାର୍କେଟ ଗାର୍ଡ ପ୍ରଫୁଲ୍ଲ ଦେବତା, କାକିରିଗୁମା ସରପଞ୍ଚ ପୃଷ୍ଟ ସଉନ୍ତା,ପୂର୍ବତନ ଲ୍ୟାମ୍ପ ସଭାପତି ପଞ୍ଚାନନ ସଉନ୍ତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ମଣ୍ଡି ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ୨୬୭ ଜଣ ଚାଷୀ ମଣ୍ଡିରେ ଖରିଫ ଧାନ ବିକ୍ରି ଲାଗି ପଞ୍ଜୀକୃତ କରିଛନ୍ତି। ଚାଷୀଙ୍କଠାରୁ ମଣ୍ଡିରୁ ୪ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ସୁବଳେଶ୍ୱର ରାଇସ ମିଲ ଡୁମୁରିପୁଟ ଓ ପଞ୍ଚଡା ନର୍ମଦା ରାଇସ ମିଲକୁ ନିର୍ଦ୍ଦେଶ ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଜିତେନ୍ଦ୍ର ବିଷୋୟୀ,ରଘୁନାଥ ସାଉନ୍ତା,ହରି ବାଘ, ଅଭି ମୁଦୁଲି ଏବଂ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲ୍ୟାମ୍ପ୍ ପରିଚାଳନା ନିର୍ଦ୍ଦେଶକ ସୁରେଶ ନାୟକ ,ତପନ ଜମ୍ବେକା, ବୀରେନ ନାୟକ,ଭେଙ୍କଟ ରାଓ, ଜଗନ୍ନାଥ ପ୍ରଧାନ,ଧର୍ମେନ୍ଦ୍ର ସାଗର ପ୍ରମୁଖ ପରିଚାଳନା କରିଥିଲେ।



ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ପାଣି ନ ପାଇ ବ୍ଲକ କାର୍ଯ୍ୟାଳୟ ଘେରିଲେ ମହିଳା

**ଦରମା ନ ପାଇ ପମ୍ପ ବନ୍ଦ ରଖିଛନ୍ତି ଚାଳକ**

ସେମିଳିଗୁଡ଼ା/ସୁନାବେଡ଼ା, ୨।୧ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)

ପାନୀୟ ଜଳ ସମସ୍ୟାକୁ ନେଇ କୋରାପୁଟ ଜିଲା ସୁନବେଡାରେ ବିଡିଓ ଲକ୍ଷ୍ମୀ ନାରାୟଣ ସାବତଙ୍କୁ ମଙ୍ଗଳବାର ଶତାଧିକ ମହିଳା ଘେରାଉ କରିଥିଲେ। ଖବରରୁ ଜଣାପଡ଼ିଛି, ସେମିଳିଗୁଡ଼ା ବ୍ଲକ ରାଜପୁଟ ପଞ୍ଚାୟତର କାଙ୍ଗରା ଗ୍ରାମରେ ଦୀର୍ଘଦିନ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି। ପିଇବା ପାଣି ମୁନ୍ଦେ ପାଇଁ ଗ୍ରାମବାସୀ ହଇରାଣ ହେଉଛନ୍ତି। ସରକାର ଏଠାରେ ବସୁଧା ଯୋଜନାରେ ପାଣିପମ୍ପ ନିର୍ମାଣ କରିଥିଲେ ମଧ୍ୟ ୩ ବର୍ଷ ହେବ ପମ୍ପ ଚଲାଉଥିବା ବ୍ୟକ୍ତି ଦରମା ନ ପାଇବାରୁ ସେ ପମ୍ପ ଚଲାଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ଥିବା ୩ଟି ଯାକ ନଳକୂପ ଅଚଳ ହୋଇରହିଛି। ଲୋକେ ଝରଣା ଓ କୂଅରୁ ପାଣି ଆଣି ଚଳୁଛନ୍ତି। ଦୂଷିତ ପାଣି ବ୍ୟବହାରକରି ଝାଡାବାନ୍ତିର ଶିକାର ହେଉଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ କିଛି ବୁଝୁ ନ ଥିବାରୁ ମଙ୍ଗଳବାର ଗ୍ରାମର ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟରେ ସରପଞ୍ଚଙ୍କୁ ଘେରାଉ କରିଥିଲେ। ଯଥାଶୀଘ୍ର ସମ୍ପୃକ୍ତ ପମ୍ପ ଚାଳକଙ୍କୁ ଦରମା ଦେଇ ପାଣି ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ସରପଞ୍ଚ କେବଳ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ରହି ପଞ୍ଚାୟତ ପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ସାବତଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଥମ କରି ସେ ଏପରି ଅଭିଯୋଗ ପାଇଛନ୍ତି। ଏ ବାବଦରେ ସେ ପିଇଓଙ୍କୁ କଇଫତ ମାଗିଛନ୍ତି। ଖୁବ୍‌ଶୀଘ୍ର ପମ୍ପଚାଳକଙ୍କ ପ୍ରାପ୍ୟ ଦେଇ ପମ୍ପ ଚଳାଇବାକୁ ନିର୍ଦ୍ଦେଶ ଦେଇଥିବା ସାବତ କହିଛନ୍ତି।



ପାନୀୟ ଜଳ ଯୋଗାଣ ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିବା ମହିଳା।

